ଭାଦ୍ରବ ମାସରେ ଖୁଦରକୁଣୀ ଓଷା ବ୍ରତ ପାଳୁଥିବା ଝିଅମାନେ ମଧ୍ୟ ରବିବାର ସକାଳୁ ନଦୀ ଓ ପୁଷ୍କରିଣୀ କୂଳରେ ବାଲି ଓ ମାଟି କୁଦ କରି ଫୁଲ ଫଳରେ ସୁସଜ୍ଜିତ କରି ଓଦାବସ୍ତ୍ରରେ ମା' ମଙ୍ଗଳାଙ୍କ ପ୍ରତିନିଧି ସ୍ୱରୂପ 'ବାଲୁକା' ପୂଜା କରନ୍ତି । ବାଲି ତୃତୀୟାରେ ମଧ୍ୟ ବାଲୁକା ପୂଜା ବିଧି ରହିଛି ।

ପୁରୀ ଜିଲ୍ଲା, ଡେଲାଙ୍ଗବ୍ଲକ୍ ଅନ୍ତର୍ଗତ ବେନୁପଡା ମଠ ଏହି 'ଗାଦିବ୍ରହ୍ମ' ବା 'ମାଟି ବ୍ରହ୍ମ' ପୂଜାର ପ୍ରମୁଖ ପୀଠ । ବେନୁପଡାର ପୂର୍ବ ନାମ ବେଣୁପୁର ବା ବିନୋଦପୁର ଥିବାର ପ୍ରମାଣ ରହିଛି । ମହାପୁରୁଷ ଅଚ୍ୟୁତ ଏହି ପୀଠକୁ ଆସିଥିବାର ମଧ୍ୟ ପ୍ରମାଣ ଅଛି । ହିନ୍ଦୁ ଦର୍ଶନର ପଞ୍ଚଭୂତ 'କ୍ଷିତି, ଅପ୍, ତ୍ୟେଜ, ମରୁତ୍, ବ୍ୟୋମ'ର ପ୍ରତୀକ ସ୍ୱରୂପ (ବାଇଦାସ, କୃଷ୍ଣଦାସ, ଆର୍ତ୍ତଦାସ, ମାଧବ ଦାସ, ନୀଳାଦ୍ରି ଦାସ) ପଞ୍ଚ ମହାପୁରୁଷଙ୍କର ସମାଧି ମାଟି ଗାଦି 'ଗାଦିବ୍ରହ୍ମ' ରୂପେ ବିରାଜିତ । ମାଟିକୁ ନିମ୍ନରୁ ଗୋଲାକାର ଓ ସ୍ଥୂଳ କରି କ୍ରମଶଃ ଉପର ଆଡକୁ ସୂକ୍ଷ୍ମ କରାଯାଇ ଗାଦି ସ୍ଥାପନ କରାଯାଇଅଛି । ଉପରି ଭାଗ ଶୂନ୍ୟର ପ୍ରତୀକ । ଏଠାରେ ଥିବା ଗୋସାଇଁମାନେ ଶୂନ୍ୟ ଅଲେଖ ନିରଞ୍ଜନ ବା ନିରାକାରବାଦୀ ହେଲେ ମଧ୍ୟ ନିଜେ କୃଷି କାର୍ଯ୍ୟ କରନ୍ତି । 'ଗାଦିବ୍ରହ୍ମ'ଙ୍କର ଧର୍ମ ଦର୍ଶନ ଓ ଆଦର୍ଶକୁ ନେଇ ଓଡ଼ିଶାରେ ଧର୍ମ ଆନ୍ଦୋଳନ ସୃଷ୍ଟି ହୋଇଥିଲା । ଓଡ଼ିଶାର ପୁର ପଲ୍ଲୀରେ ୭୫୨ଟି ଗାଦି ପ୍ରତିଷ୍ଠା ହୋଇ ଅଦ୍ୟାବଧି ପୂଜାର୍ଚ୍ଚନା ଚାଲିଛି ।

'ଗାଦିବ୍ରହ୍ମ' ଧର୍ମ ଦର୍ଶନର ତିନୋଟି ମୁଖ୍ୟ ଦିଗ ହେଲା–

(୧) ମାଟି ପୂଜା (ଭୂଦେବୀଙ୍କ ପୂଜା),

(୨) ଶୂନ୍ୟପୂଜା (ନିରାକାର ଉପାସନା),

(୩) ବ୍ରହ୍ମ ପୂଜା (ଜୀବର ସ୍ଥଳ ନୁହେଁ ସୂକ୍ଷ୍ମ ସତ୍ତାର ଆରାଧନା) ଯାହାକି ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱସହ ଓତଃପ୍ରୋତଃ ଭାବେ ସଂଶ୍ଲିଷ୍ଟ ।

ମାଟିଠାରୁ ବଡ କେହି ନୁହେଁ । ସମସ୍ତେ ମାଟିରୁ ଜନ୍ମ, ମାଟିରେ ବିକାଶ, ମାଟିରେ ବିଲୟ ଓ ମାଟି ଅଚିରେ ସମସ୍ତଙ୍କୁ ଗ୍ରାସ କରେ । ତେଣୁ ଭୂଦେବୀଙ୍କ ଉପାସନା ପ୍ରକୃତି ବା ମାତୃ ଶକ୍ତିର ଉପାସନା । ଅଥର୍ବ ବେଦରେ କୁହାଯାଇଛି–

''ମାତା ଭୂମିଃ ପୁତ୍ରୋଽହଂ ପୃଥିବ୍ୟାଃ'' ।

ତେଣୁ ''ନମଇ ଭୂଦେବୀ ଚରଣ, ସୃଷ୍ଟିର ପରମ କାରଣ'' ।

ଅଧ୍ୟାପକ, ଡେଲାଙ୍ଗ କଲେଜ,
ଡେଲାଙ୍ଗ, ପୁରୀ–୭୫୨୦୧୫



# ଅନୁଭବୀ ଏକା ଜାଣେ

ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ

ତୁମେ ତ ରହିଛ ସକଳ ଘଟରେ
ତୁମକୁ ଦେଖିନି କିଏ
ଅନୁଭବୀ ଜାଣେ ତା'ର ଅନୁଭବ
କହିତ ପାରିବ ସିଏ ॥

ଜଳରେ ସ୍ଥଳରେ ତରୁରେ ତୃଣରେ
ସବୁଠି ଦେଖୁଛି ହରି
ମୋ' ଆଖିରେ ନାଚ କଳାକାହ୍ନୁ ହୋଇ
କମନୀୟ ରୂପ ଧରି
ତୁମରି ମୂରତି ଅନ୍ତରରେ ଦେଖି
ମାୟାଠୁ ଦୂରେଇ ନିଏ ॥

ଦେଖି ନପାରିଲେ ଶୁଣି ତ ପାରୁଛି
ଡାକୁଅଛି ଦୂରେ ଥାଇ
ଶୟନେ ସପନେ ନିରତେ ଭାବୁଛି
ସଂସାରକୁ ଭୁଲି ଯାଇ

ଜୀବନ ଜଞ୍ଜାଳୁ ପାରି କରି ଦେବ
ତୁମ ବିନା ଆଉ କିଏ ?



ଏଫ୍– ୧୧/୨, ୟୁନିଟ୍–୯ (ଫ୍ଲାଟ୍)
ପୋ–ଭୋଇନଗର, ଭୁବନେଶ୍ୱର–୨୨